# ପରିବାର ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ ।

ତା ୨୭/୦୭/୨୦୨୦ ଢେଙ୍କାନାଳ

ରାଜ୍ୟ ସମାଜ ମଙ୍ଗଳ ପରିଷଦ ସହାୟତାରେ ନିସାଦ୍ରୀ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ପରିବାର ପରାମର୍ଶ କେନ୍ଦ୍ର ଆଜି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଢେଙ୍କାନାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଗୃହକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ଭୂମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ । ଉକ୍ତ ଉଦ୍‌ଘାଟନ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜୟନ୍ତୀ ବେହେରା, ନିସାଦ୍ରୀର ଯୁଗ୍ମ ନିର୍ଦ୍ଦେଶକ ଧିରେନ୍ଦ୍ର କୁମାର ମହାନ୍ତି ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କାର୍ଯ୍ୟକର୍ତ୍ତା, ପରିବାର ପରାମର୍ଶ କେନ୍ଦ୍ରର ଦୁଇ ପରାମର୍ଶ ଦାତା ଉପସ୍ଥିତ ଥିଲେ । ଉକ୍ତ ପରିବାର ପରାମର୍ଶ କେନ୍ଦ୍ର ମହିଳାମାନଙ୍କ କ୍ଷେତ୍ରରେ ଘଟୁଥିବା ବିଭିନ୍ନ ସମସ୍ୟା ଓ ପାରିବାରିକ ହିଂସା, ଯୌତୁକ ଜନିତ ସମସ୍ୟା, ସମ୍ପତ୍ତି ଓ ଆଇନଗତ ଅଧିକାର ତଥା ସର୍ବୋପରି ପରାମର୍ଶ ସେବା ଦ୍ୱାରା ମହିଳାମାନଙ୍କର ସମସ୍ୟାର ସବୁ ଆଶୁ ସମାଧାନ କରି ସୁସ୍ଥ ସମାଜ ଗଠନ କରିବା ଉକ୍ତ କେନ୍ଦ୍ରର ମୂଳ ଲକ୍ଷ୍ୟ ଅଟେ ।

27.7.20

ଜିଲ୍ଲା ମସାଜ ମଙ୍ଗଳ ଅଧିକାରୀ,
ଢେଙ୍କାନାଳ